ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୨୧ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଜ୍ଞାନର କ୍ଷମତା

ଚେତନା ଜ୍ଞାନର ପରିଭାଷା ଅସୀମ, ଅନନ୍ତ । ଜ୍ଞାନର ନିର୍ଣ୍ଣାୟକ କ୍ଷମତା ଜ୍ଞାନୀ ପାଖରେ ମଧ୍ୟ ନଥାଏ । ଜ୍ଞାନର ବ୍ୟାପ୍ତ ପରିସର ମଧ୍ୟରୁ କାହା ପାଖରେ କେଉଁ ଆକାରରେ କିହିଁକି କେଉଁ ପରିମାଣର ଜ୍ଞାନର ଉତ୍ପତ୍ତି ହୋଇଥାଏ ବୁଝିବା କଷ୍ଟ ! ଏହା ଏକ ପ୍ରକୃତିଦତ୍ତ ଜନ୍ମଗତ ଗୁଣ ମାତ୍ର ! ପାରିପାର୍ଶ୍ୱିକ ଶୈକ୍ଷିକତା କିଂଚିତ ପ୍ରଭାବିତ କରୁଥିଲେ ମଧ୍ୟ ପ୍ରକୃତ ଜ୍ଞାନ କେବଳ ଜନ୍ମଗତ । ଶୈକ୍ଷିକ ଜ୍ଞାନକୁ ଶିକ୍ଷା ମଧ୍ୟରେ ସୀମିତ ରଖାଯାଇ ପାରେ । ଶିକ୍ଷିତଙ୍କୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା କେବଳ ଏକ ସାମାଜିକ ବିଭ୍ରମ ଜନିତ ହୋଇ ପାରେ, କିନ୍ତୁ ବାସ୍ତବ, ପ୍ରାକୃତିକ ନୁହେଁ ! ଆଜିର ଅଜ୍ଞାନ ସମାଜରେ କାହାଦ୍ୱାରା ପ୍ରକାଶିତ ଲିଖିତ ବିଷୟକୁ ମସ୍ତିଷ୍କରେ କବଳିତ କରି ନିଜକୁ ଜ୍ଞାନୀ ବୋଲି ସ୍ୱୟଂ ବିବେଚନା କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳେ ! ଉପଯୁକ୍ତ ଜ୍ଞାନ ରହିତ ମଣିଷଙ୍କ ଦାର୍ଶନିକ ପରିଭାଷାକୁ ବୋଧଗମ୍ୟ କରିବାରେ ଅସମର୍ଥ ସାଧାରଣ ମଣିଷଙ୍କ ଦ୍ୱାରା ସେମାନଙ୍କୁ ଦିଆଯାଉଥିବା ମାନ୍ୟତା ଏକ ସାମାଜିକ କୁହେଳିକା ମାତ୍ର । କି'ନ୍ତୁ ପ୍ରାକୃତିକ, ବାସ୍ତବ ଜ୍ଞାନୀଙ୍କ ସ୍ଥିତି ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ । ଶିକ୍ଷାରେ ଜ୍ଞାନ ଆହରଣ କରିବା ଏକ କଳା । ଜ୍ଞାନ କି'ନ୍ତୁ ଶିକ୍ଷାରୁ ଅତ୍ୟନ୍ତ କିଞ୍ଚିତ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ମାନସ ମନ୍ଥନ ତଥା ପ୍ରାକୃତିକ ଜ୍ଞାନର ପ୍ରଭାବ ଭିନ୍ନ ହୋଇଥାଏ । ତେଣୁ ଜ୍ଞାନକୁ ବିବେଚନା କରି ତା'ର ମୂଲ୍ୟାୟନ କରିବା ସାଧାରଣ କଥା ନୁହେଁ ! ଜ୍ଞାନକୁ ତ୍ରିସ୍ତରୀୟ ବିଭକ୍ତି କରାଯାଇ ସଚେତନ, ଅସଚେତନ ଓ ଅବଚେତନ ଜ୍ଞାନର ବିଶ୍ଳେଷଣ କରି ଦେଖିଲେ ଜାଣି ହେବଯେ ଜ୍ଞାନର ମାତ୍ରା କାହାରି ଉପରେ ନିର୍ଭର କରି ମଣିଷ କେଉଁ ପ୍ରକାର ଚରିତ୍ରିକ ପ୍ରବାହ କରିଥାଏ । ଅସଚେତନ ଜ୍ଞାନ ମଣିଷର ନିଜସ୍ୱ ବିଶ୍ଳେଷିତ ଭାବଧାରା ରହିତ ପାରିପାର୍ଶ୍ୱିକ ପ୍ରଭାବରୁ ଉତ୍ପନ୍ନ, ପ୍ରଭାବିତ ଅବସ୍ଥାରୁ ଜାଗ୍ରତ ହୋଇଥାଏ । ସଚେତନ ଜ୍ଞାନ ଜଣେ ମଣିଷର ନିଜସ୍ୱ ଭାବଧାରା ତଥା ଦୃଷ୍ଟିକୋଣ ଜନିତ ହୋଇଥାଏ । ଅବଚେତନ ଜ୍ଞାନ ଏକ ଜଟିଳ ଜ୍ଞାନ ଯାହା ମଣିଷର ମସ୍ତିଷ୍କ ମଧ୍ୟରେ ନିଜସ୍ୱ ନିୟନ୍ତ୍ରଣ ବହିର୍ଭୂତ ଅବସ୍ଥାରେ ରହିଥାଏ ଯାହା ମଣିଷକୁ ଅଲୌକିକ ବିଭ୍ରମ ସୃଷ୍ଟି କରିବାରେ ସହଯୋଗ କରୁଥିବା ବେଳେ କର୍ତ୍ତବ୍ୟ, ଅକର୍ତ୍ତବ୍ୟ ଗୁଡ଼ିକୁ ବିଶ୍ଳେଷଣ କରିବାରେ ସକ୍ଷମ କରିଥାଏ । ଏହି ତିନି ପ୍ରକାର ଜ୍ଞାନ ଉପରେ ଆଧାର କରି ବିଭିନ୍ନ ମଣିଷ ମାନଙ୍କର ସାମାଜିକ ସ୍ଥିତି ଦେଖିବାକୁ ମିଳେ ଏବର ସମାଜରେ । ଏହା ସ୍ୱୀକାର କରିବାକୁ ପଡ଼ିବ ।

# ବାଧ୍ୟତାମୂଳକ ଭୋଟଦାନ ବ୍ୟବସ୍ଥା

## ।। ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ।।

ମୁଣ୍ଡ ଉପରେ ନିର୍ବଚାନ । କହିବାକୁ ଗଲେ ନିର୍ବାଚନ ବିଗୁଲ ସମ୍ପୂର୍ଣ୍ଣ ବାଜି ସାରିଲାଣି । ତେବେ ଆମ ମାନଙ୍କ ଭିତରେ ଅନେକ ସମୟ ବାଧ୍ୟତାମୂଳକ ଭୋଟଦାନ ବ୍ୟବସ୍ଥା ନେଇ ଚର୍ଚ୍ଚା ଓ ଆଲୋଚନା ହୁଏ । ତେବେ ବଡ଼କଥା ହେଉଛି ପୃଥିବୀର ଏହି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟଦାନ ଏକ ବିଚିତ୍ର ବ୍ୟବସ୍ଥାରେ ହୋଇଥାଏ । ଅନେକ ହୁଏତ ଜାଣି ନଥିବେ ଭୋଟ ଦାନ ଦିନ ଏକ ବିଧିବଦ୍ଧ ସରକାରୀ ଛୁଟି ଥିବାରୁ ଅନେକ ସରକାରୀ କର୍ମଚାରୀମାନେ ଏହାକୁ ଛୁଟି ଦିନ ଭାବେ ବିଚାର କରି ଭୋଟ ଦେବାକୁ ଯାଇନଥାନ୍ତି ବୋଲି ଅଭିଯୋଗ ଉଠିଥାଏ । ତେବେ ବାସ୍ତବକଥା ହେଉଛି ସତରେ ଆମ ମାନଙ୍କର ଭୋଟ ଭାରତର ବିଶାଳ ଗଣତାନ୍ତ୍ରିକ ନିର୍ବାଚନ ଇତିହାସରେ କିଛି ମୂଲ୍ୟ ରଖିଥାଏ କି ? କେହି କେହି କୁହନ୍ତି ଭୋଟ ତ ସବୁ କିଣାବିକା ହେଉଛି ତେଣୁ ମୂଲ୍ୟବାନ ଭୋଟ ଖଣ୍ଡର ଅସଲ ତାତ୍ପର୍ଯ୍ୟ ଅନେକ ବୁଝି ପାରନ୍ତି ନାହିଁ । ଯାହାଫଳରେ ଏହି ବ୍ୟବସ୍ଥା ଦ୍ୱାରା ଆମେମାନେ ଯେଉଁପରି ଲୋକପ୍ରତିନିଧି ମାନଙ୍କୁ ନିର୍ବାଚିତ କରୁଛୁ ତାହା ଆମେ ଭଲ ଭାବେ ଜାଣି ପାରୁଛୁ ।

ବିଭିନ୍ନ ସମୟରେ ଦେଶରେ ହେଉଥିବା ବିଭିନ୍ନ ନିର୍ବାଚନରେ ଭୋଟରମାନଙ୍କୁ ବାଧ୍ୟତାମୂଳକ ଭାବରେ ଭୋଟ ଦେବା ପାଇଁ ନିୟମ କରିବାକୁ ବିଭିନ୍ନ ସମୟରେ ବିଭିନ୍ନ ସଂସ୍ଥା ତଥା ବ୍ୟକ୍ତିବିଶେଷ ମତ ଦେଇଥାନ୍ତି । ଏପରିକି ଏ ପ୍ରକାରର ମତ ନେଇ ନିର୍ବାଚନ କମିଶନଙ୍କୁ ବିଭିନ୍ନ ସମୟରେ ଚିଠି ମଧ୍ୟ ଆସିଥାଏ । ଏବେ ନିବ୍ଦ୍ ଅଫ ଦ ଟାଇମ ନାମକ ଏକ ସଙ୍ଗଠନ ପକ୍ଷରୁ ଭୋଟ ଦେବାକୁ ବାଧ୍ୟତାମୂଳକ କରିବା ପାଇଁ ଆଇନରେ ପରିବର୍ତ୍ତନ ଆଣିବାକୁ ଏକ ପ୍ରସ୍ତାବ ଆସିଛି । ଏହି ପ୍ରସ୍ତାବଟି କେତେ ଦୂର କାର୍ଯ୍ୟକାରୀ ହେବ, ତାହା ସମୟ କହିବ କିନ୍ତୁ ବିଶ୍ୱରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ ଭଳି ଅନେକ ଦେଶରେ ଭୋଟଦାନକୁ ବାଧ୍ୟତାମୂଳକ କରାଯାଇଛି । ଏହିସବୁ ଦେଶଗୁଡ଼ିକରେ ଶତକଡ଼ା ଶହେ ଭାଗ ମତଦାନ ହୋଇଥାଏ । ତେବେ ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାତା ମାନଙ୍କୁ ଭୋଟ ଦେବାକୁ ବାଧ୍ୟ କରିବା ଭଳି ଆଇନ କେତେ ଦୂର ପ୍ରଣୟନ କରାଯାଇ ପାରିବ ତାହା ବିଚାର ଯୋଗ୍ୟ ।

ବିଶ୍ୱର ଯେଉଁ ରାଷ୍ଟ୍ରରେ ମତଦାନକୁ ବାଧ୍ୟତାମୂଳକ କରାଯାଇଛି, ସେଠାରେ ଜନସଂଖ୍ୟା ଆମ ଦେଶର ଗୋଟିଏ ଗୋଟିଏ ରାଜ୍ୟର ଜନସଂଖ୍ୟା ଠାରୁ କମ । ତେଣୁ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତି ଠାରୁ ଆରମ୍ଭ କରି ବିବାଦଶୂନ୍ୟ ଭାବରେ ନିର୍ବାଚନ ଏବଂ ମତଦାନ ସମ୍ପନ୍ନ କରିବା ସମ୍ଭବ ହେଉଛି କିନ୍ତୁ ଭାରତ ଭଳି ଏକ ରାଷ୍ଟ୍ରରେ ମତଦାନ କ୍ଷେତ୍ରରେ ସବୁଠାରୁ ବଡ଼ ବିବାଦ ହେଲା ପୂର୍ବ ଥରର ନିର୍ବାଚନ ସମୟରେ ମତଦାତା ତାଲିକାରେ ନାମ ଥିବା ଲୋକଙ୍କର ନାଁ ପରବର୍ତ୍ତୀ ନିର୍ବାଚନ ବେଳକୁ କଟିଯାଏ । ଏ ପ୍ରକାରର ଅନେକ ଅଭିଯୋଗ ବାରମ୍ବାର ଆସୁଛି କାରଣ ଯେତେବେଳେ ମତଦାତା ସୂଚୀ ଏବଂ ତାଲିକା ସର୍ବସାଧାରଣଙ୍କ ନିମିତ୍ତ ପ୍ରଦର୍ଶନ କରାଯାଏ, ସେତେବେଳେ ଲୋକମାନେ ଏସବୁ ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । ମତଦାନ କେନ୍ଦ୍ରରେ ଯାଇ ପହଂଚିବା ପରେ ନିଜ ନାଁ ଖୋଜିଲା ବେଳକୁ ଆଉ ନଥାଏ । ଏକ ବିବାଦଶୂନ୍ୟ ମତଦାତା ତାଲିକା ପ୍ରସ୍ତୁତ କରିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ ଅପେକ୍ଷା ମତଦାତା ତାଲିକାରେ ନାଁ ଅଛି, ତାକୁ ଦେଖିବା ମତଦାତା ଉପରେ ଛାଡ଼ି ଦିଆଯାଉଛି । ଯଦି କୌଣସି ଭୋଟର ବା ମତଦାତା ନାମ ତାଲିକାରେ ନାହିଁ ଏବଂ ଅଭିଯୋଗ ଆସୁଛି, ସେ କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ମତଦାତା ତାଲିକା ତିଆରି କ୍ଷେତ୍ରରେ ଯେଉଁଠି କେହି ଦାୟିତ୍ୱ ମୁଣ୍ଡେଇବାକୁ ରାଜି ନାହାନ୍ତି, ସେ କ୍ଷେତ୍ରରେ ମତଦାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଆଦୌ ଯୁକ୍ତିସଙ୍ଗତ ମନେ ହେଉନାହିଁ । ଆମ ଦେଶରେ ଆଧାର କାର୍ଡ଼କୁ ନାଗରିକତାର ପରିଚୟ ବୋଲି କୁହାଯାଉ ନାହିଁ ଅଥଚ ସମସ୍ତଙ୍କ ପାଇଁ ଆଧାର ନମ୍ବର ହାସଲ କରିବା ଜରୁରୀ ବୋଲି କୁହାଯାଉଛି । ଆଉ ସବୁଠାରୁ ବିଚିତ୍ର କଥା ହେଲା, ମତଦାନ କେନ୍ଦ୍ରରେ ଆଧାର କାର୍ଡ଼କୁ ମତଦାତାର ପ୍ରମାଣ ଭାବରେ ଗ୍ରହଣର କରାଯାଉଛି । ତେଣୁ ଯେଉଁଠାରେ ଏତେ ପ୍ରକାରର ସବୁ ତ୍ରୁଟି ରହୁଛି, ସେ କ୍ଷେତ୍ରରେ ବାଧ୍ୟତାମୂଳକ ଭୋଟ ଦାନ ବାସ୍ତବ ରୂପ ନେବା ଅତ୍ୟନ୍ତ କଷ୍ଟକର । ଶତକଡ଼ା ଶହେ ମତଦାନ ବାଧ୍ୟତାମୂଳକ ହେଉ କି ସଚେତନତା ପାଇଁ ହେଉ, ଏ ପ୍ରକାରର ଏକ ବ୍ୟବସ୍ଥାରେ ଯୋଗ୍ୟ ପ୍ରାର୍ଥୀଙ୍କର ନିର୍ବାଚନ ହେବ ବୋଲି କୁହାଯାଉଛି । ତେବେ ଯାହା କୁହାଯାଏ ତାହା ସବୁବେଳେ ସତ ନୁହେଁ । ମତଦାତା ମାନେ ବି ଅର୍ଥ ଲୋଭ ଏବଂ ଦ୍ରବ୍ୟ ଲୋଭରେ ପ୍ରଭାବିତ ହେଉଥିବା ବେଳେ ଶତକଡ଼ା ଶହେ ମତଦାନର ମଧ୍ୟ କିଛି ମୂଲ୍ୟ ନାହିଁ ।

ବାଲିଗୁଡ଼ା, କନ୍ଧମାଳ,
ମୋ-୯୪୩୭୨୪୨୩୧୭

# ବଢ଼ି ଫିଟ୍‌ନେସ୍, ଅତିରୁ ଇତି

## ।। ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ।।

ନିକଟରେ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ବୀର ସୂର୍ଯ୍ୟବାଂଶୀଙ୍କ ଜିମରେ ବ୍ୟାୟାମ କରୁଥିବା ଅବସ୍ଥାରେ ହିଁ ହୃଦଘାତ ହେଲା ଆଉ ପରବର୍ତ୍ତୀ ସମୟରେ ତାଙ୍କ ଜୀବନ ଚାଲିଗଲା । ଏହା ପୂର୍ବରୁ ଚାଳିଶ ବର୍ଷ ବୟସ୍କ ରୂପେଲୀ ପରଦାର ଲୋକପ୍ରିୟ ଚେହେରା ସିଦ୍ଧାର୍ଥ ଶୁକ୍ଲାଙ୍କର ମଧ୍ୟ ଜୀବନ ଘାତକର କାରଣ ହୋଇଥିଲା ଜିମ ଜନିତ ଅତ୍ୟଧିକ ବ୍ୟାୟାମ । ସେହିପରି ପ୍ରସିଦ୍ଧ କମେଡିଆନ ରାଜୁ ଶ୍ରୀବାସ୍ତବ ମଧ୍ୟ ଜିମରେ ବ୍ୟାୟାମ କରୁଥିବା ସମୟରେ ଅସୁସ୍ଥ ହୋଇ ପରେ ଚିକିତ୍ସାଧୀନ ସମୟରେ ତାଙ୍କର ପରଲୋକ ହୋଇଥିଲା । ସେହିପରି ସଲମାନ ଖାଁଙ୍କ ବଡ଼ି ଟ୍ରେନର ସାଗର ପାଣ୍ଡେଙ୍କ ମୃତ୍ୟୁ ମଧ୍ୟ ସମାନ କାରଣରୁ ହୋଇଥିଲା । ଏହାର ଏକମାତ୍ର କାରଣ ହେଉଛି ଅଧିକ ବ୍ୟାୟାମ କରିବା ଦ୍ୱାରା ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ି ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବନଟି ନେଇଯାଇଛି ।

ଆମେ କହୁ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ ବା ଶରୀର ଠିକ ଥିଲେ ସବୁ ଠିକ । ଶରୀର ଅସୁସ୍ଥ ହେଲେ ସବୁ ଅସାର ମନେହୁଏ । ପୁଣି ଶରୀରକୁ ସୁଗଠିତ, ବଳିଷ୍ଠ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ସ୍ୱାସ୍ଥ୍ୟରକ୍ଷାର ଅନେକ ନିୟମ ରହିଛି । ନିଜର ଅଙ୍ଗ ସୌଷ୍ଠବକୁ ଆକର୍ଷଣୀୟ କରିବା ପାଇଁ ଏହି ସବୁ ନିୟମଗୁଡ଼ିକୁ ମାନି ବ୍ୟାୟାମ କରିବା ଉଚିତ । ବିଭିନ୍ନ କାରଣରୁ ଆମେ ମୋଟା ହୋଇଯାଉ । ପୁଣି ମୋଟାରୁ ପତଳା ହେବାକୁ ବ୍ୟଗ୍ର ହୋଇପଡୁ । ଏଥିପାଇଁ ଡାକ୍ତର, ଡାଏଟିସିଆନଙ୍କ କଥା ଶୁଣିବା ପାଇଁ ବି ଆମର ଧୈର୍ଯ୍ୟ ନଥାଏ । ଆମେ ମନଇଛା ନିଜ ଖାଦ୍ୟ ଖାଉ ବା ଖାଇବା ଛାଡ଼ିଦେଉ । ପାରିବାରିକ ଇତିହାସ ଅନୁସାରେ ଆମ ଦେହର ରଙ୍ଗ କଳା କି ଗୋରା ହୋଇଥାଏ । ପୁଣି ଆମ ଶରୀର ଗଠନରେ ଏକ ଅଦୃଶ୍ୟ ଶକ୍ତିର କରାମତି ବି ଥାଏ । ଏହା କହିବାର ଅର୍ଥ ଆମ ଶରୀର ଈଶ୍ୱରଙ୍କ ଦାନ । ମାତ୍ର ଅନ୍ୟମାନଙ୍କ ଆଖିକୁ ସୁନ୍ଦର ଦିଶିବା ପାଇଁ ଆମେ ନିଜ ଇଚ୍ଛାରେ କସମେଟିକ ସର୍ଜରୀ, ପ୍ଲାଷ୍ଟିକ ସର୍ଜରୀର ସହାୟତା ନେଉ । ଶରୀରକୁ କାଟି, ଯୋଡ଼ି ନୂଆ ରୂପରେ ସଜାଉ । ବ୍ୟାୟାମ ହେଉ କିମ୍ବା ଡାଏଟିଂ, ରୂପଚର୍ଯ୍ୟା - ଏ ସବୁଥିରେ କିଛି ସଂଯମତା ଜରୁରୀ । ଅର୍ଥାତ୍ ଆମ ଶରୀରର ଗଢ଼ଣ, ସାମର୍ଥ୍ୟ ଦକ୍ଷତାକୁ ଦେଖି କରାଯିବା ଦରକାର । ତାହା ନ କରି ଏସବୁର ଅତ୍ୟଧିକ ପ୍ରୟୋଗ ଆମର ଉପକାର କରିବା ବଦଳରେ ଅପକାର କରିଥାଏ । ଅତିରୁ ଇତି ହେବାକୁ ବେଶୀ ସମୟ ଲାଗେ ନାହିଁ ।

ବର୍ତ୍ତମାନ ବ୍ୟସ୍ତ ଜୀବନଶୈଳୀ କାରଣରୁ ଲୋକଙ୍କ ମଧ୍ୟରେ ଶାରୀରିକ ନିଷ୍କ୍ରିୟତା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି । ଖାଦ୍ୟ ଓ ଜୀବନଶୈଳୀ ତୁଳନାରେ ଶାରୀରିକ ପରିଶ୍ରମ କମି ଯାଉଥିବାରୁ ଅଳ୍ପ ବୟସରୁ ଶରୀର ରୋଗାକ୍ରାନ୍ତ ହୋଇପଡୁଛି । ଏସବୁକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଶେଷଜ୍ଞ, ଚିକିତ୍ସକମାନେ ଯୋଗ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦେଉଛନ୍ତି । ନିଜକୁ ସୁସ୍ଥ ଓ ସତେଜ ରଖିବା ପାଇଁ ଲୋକେ ଜିମରୁ ନେଇ ଯୋଗାଭ୍ୟାସ, ସାଇକେଲିଂ, ରନିଂ, ଓ୍ୱାକିଂ, ସ୍ୱିମିଂ କରୁଛନ୍ତି । ବିଶେଷକରି ନିତିଦିନିଆ ଜୀବନ ଶୈଳୀରେ ଅତି କମରେ ତିରିଶ ମିନିଟ ଯେକୌଣସି ପ୍ରକାର ବ୍ୟାୟାମ କରିବାକୁ କୁହାଯାଉଛି । ଏଠାରେ ମନେ ରଖିବା ଉଚିତ ଯେ ସୁସ୍ଥ ରହିବା ପାଇଁ ସୁଷମ ତଥା ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଛି, ଠିକ ସେମିତି ନିର୍ଦ୍ଦିଷ୍ଟ ସମୟ ଏବଂ ଶରୀରର ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ପ୍ରକାର ବ୍ୟାୟାମ କରିବା ଉଚିତ । ଅଧିକ ଲାଭ ପାଇବା ଆଶାରେ ମାତ୍ରାଧିକ ବ୍ୟାୟାମ ଅନେକ ସମୟରେ ଘାତକ ସାବ୍ୟସ୍ତ ହୋଇଥାଏ ।

ମାତ୍ରାଧିକ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅନେକ କ୍ଷତିକାରକ ପ୍ରଭାବ ପଡୁଛି । କେବଳ କ୍ଷତିକାରକ ପ୍ରଭାବ ପଡୁଛି କହିଲେ ଠିକ ହେବନାହିଁ । ବରଂ ମାତ୍ରାଧିକ ବ୍ୟାୟାମ ହୃତପିଣ୍ଡ ଏବଂ ଅସ୍ଥିମଜ୍ଜା ପାଇଁ ମଧ୍ୟ ବିଭିନ୍ନ ସମସ୍ୟାର କାରଣ ସାଜିପାରେ । ଆମେରିକାନ ହାର୍ଟ ଆସୋସିଏସନ ଅନୁସାରେ ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ବୟସର ଲୋକମାନଙ୍କୁ ସପ୍ତାହରେ ୧୫୦ ମିନିଟ ପର୍ଯ୍ୟନ୍ତ ମଧ୍ୟମ ତୀବ୍ରତାର ଏରୋବିକ୍ସ ବ୍ୟାୟାମ ଅଭ୍ୟାସ କରିବା ଉଚିତ । କିନ୍ତୁ କିଛି ଲୋକ କମ ସମୟ ମଧ୍ୟରେ ଅଧିକ ଲାଭ ପାଇବା ଆଶାରେ ଦିନକୁ ୩ରୁ ୪ ଘଣ୍ଟା ଜିମ କରୁଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଅନୁସାରେ ଏକ ସପ୍ତାହରେ ୩୦୦ ମିନିଟରୁ ଅଧିକ ବ୍ୟାୟାମ ଫିଜିକାଲ ବର୍ନଆଉଟର କାରଣ ସାଜିପାରେ ଯାହାଫଳରେ ଶରୀର ପ୍ରତି ବିଭିନ୍ନ ପ୍ରକାର କ୍ଷତି ପହଂଚିପାରେ । ବ୍ୟାୟାମ ସମୟରେ ଶରୀରରେ ମହଜୁଦ ଥିବା କ୍ୟାଲୋରି ବର୍ନ ହୋଇଥାଏ ଯାହାକୁ ଓଜନ ନିୟନ୍ତ୍ରିତ କରିବା ପାଇଁ ଆବଶ୍ୟକ ବୋଲି ଧରାଯାଏ । ତେବେ ଅତ୍ୟଧିକ ବ୍ୟାୟାମ କାରଣରୁ କ୍ୟାଲୋରୀ ଝଡିବାର ଭୟ ଅଧିକ ହୋଇପାରେ ଯେଉଁଥିପାଇଁ ମଣିଷ ଅତ୍ୟଧିକ ଥକ୍କାପଣ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି । ଅତ୍ୟଧିକ ବ୍ୟାୟାମ କରିବା ପରେ ଶରୀରକୁ ବିଶ୍ରାମର ଆବଶ୍ୟକତା ଥାଏ । କିନ୍ତୁ ସମସ୍ତେ ଆରାମ କରିବାର ସୁଯୋଗ ପାଆନ୍ତି ନାହିଁ । ବ୍ୟାୟାମ କରିସାରିବା ପରେ ସ୍କୁଲ, କଲେଜ ଓ ଅଫିସ ଆଦି ଯିବାକୁ ପଡ଼ିଥାଏ । ଫଳରେ ଶରୀରକୁ ବ୍ୟାୟାମ ସୁଫଳ ମିଳିବା ପରିବର୍ତ୍ତେ ଶରୀର ଆହୁରି ଦୁର୍ବଳ ହୋଇପଡ଼େ ।

ଜର୍ମାନୀର ଏକ ବିଶେଷଜ୍ଞଦଳ କରିଥିବା ଅଧ୍ୟୟନ ଅନୁସାରେ ଯେଉଁ ଲୋକମାନେ ମାତ୍ରାଧିକ ବ୍ୟାୟାମ କରିଥାନ୍ତି ସେମାନଙ୍କ ଠାରେ ହୃଦଜନିତ ସମସ୍ୟା ବିକଶିତ ହେବାର ଆଶଙ୍କା ସାଧାରଣ ଲୋକଙ୍କ ତୁଳନାରେ ଅଧିକ ଥାଏ । ଅଧିକ ବ୍ୟାୟାମ ହୃଦପିଣ୍ଡ ଉପରେ ଅତିରିକ୍ତ ବୋଝ ପକାଉଥିବାରୁ ଏହାର କାର୍ଯ୍ୟକ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ । ଏହା ବ୍ୟତୀତ ଅଧିକ ବ୍ୟାୟାମ କାରଣରୁ ହୃଦସ୍ପନ୍ଦନ ଅଚାନକ ବଢ଼ିଯାଏ । ହୃଦସ୍ପନ୍ଦନର ଗତି ଅଧିକ ହେବାରୁ ତାହା ହୃଦଘାତ ଏବଂ ଷ୍ଟ୍ରୋକ ଭଳି ଗୁରୁତର ସମସ୍ୟାର ସଙ୍କେତ ଦେଇଥାଏ । ଜିମ୍‌ରେ ଶରୀରର ଓଜନ ତୁଳନାରେ ଅଧିକ ଓଜନର ବସ୍ତୁ ଉଠାଇବା ପାଇଁ କୁହାଯାଇଥାଏ । ଏହା ଫଳରେ ମାଂସପେଶୀ ଉପରେ ପ୍ରଭାବ ପଡ଼ିଥାଏ । ଅଧିକ ବ୍ୟାୟାମ କାରଣରୁ ଅସ୍ଥିମଜ୍ଜା ମଧ୍ୟ ପ୍ରଭାବିତ ହୋଇଥାଏ । ଶରୀରକୁ ସୁସ୍ଥ ଓ ସତେଜ ରଖିବା ପାଇଁ ଯେତିକି ଆବଶ୍ୟକ ଠିକ ସେତିକି ବ୍ୟାୟାମ କରିବା ଦରକାର । ଅନ୍ୟଥା ସୁଫଳ ପାଇବା ଆଶାରେ ଶରୀର ପ୍ରତି କ୍ଷତି ପହଂଚାଇବା ହିଁ ଶେଷକଥା ହେବ ।

ଓଜନ କମାଇବା ପାଇଁ କିଛି ଲୋକ ଯୋଗ, ବ୍ୟାୟାମ ଉପରେ ନିର୍ଭର କରୁଥିବା ବେଳେ ଆଉ କିଛି ଲୋକ ଡାଏଟ କରିବାକୁ ପସନ୍ଦ କରନ୍ତି । ସେଲିବ୍ରେଟିମାନେ ଯେ କିଭଳି ଭାବେ ଡାଏଟ ମାନି ଚଳନ୍ତି ତାହା କହିଲେ ନ ସରେ । ସେମାନଙ୍କ ଦେଖାଦେଖି ସାଧାରଣ ଲୋକ ବି ଏମିତି ସବୁ ଡାଏଟ ଅନୁସରଣ କରୁଛନ୍ତି ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେଉଛି । ଅନେକ ସମୟରେ ଭୁଲ ଡାଏଟ ପ୍ରାଣଘାତକ ସାବ୍ୟସ୍ତ ହେଉଛି । ଆଜିକାଲି ପ୍ରାକୃତିକ ଭାବେ ଯୋଗାସନ ବା ଷ୍ଟ୍ରେଚିଂ ଆଦି କରିବା ପରିବର୍ତ୍ତେ ଅତ୍ୟାଧୁନିକ ଜିମ ଉପକରଣର ସହାୟତା ନେଇ ଯେଉଁ ବ୍ୟାୟାମ ସବୁ କରୁଛନ୍ତି ତାହା ଜୀବନହାନୀର କାରଣ ପାଲଟୁଛି । ସେହିପରି ମାତ୍ରାଧିକ ଡାଏଟ ଓ ମାତ୍ରାଧିକ ତଥା ଉଚ୍ଚ ପ୍ରୋଟିନଯୁକ୍ତ ଖାଦ୍ୟ ମଧ୍ୟ ବ୍ରେନ ଫଗ ବା ମୁଣ୍ଡ ବୁଲେଇଦେବା ଭଳି ସମସ୍ୟା ସୃଷ୍ଟି କରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୋଗ ପ୍ରାଣାୟମ ବା କିଛି ନିୟନ୍ତ୍ରିତ ବ୍ୟାୟାମ ଅଭ୍ୟାସ ଖୁବ ଭଲ । ତେବେ ଅଭିଜ୍ଞ ଜିମ ଟ୍ରେନରଙ୍କ ପରାମର୍ଶ ନେଇପାରନ୍ତି । ସେହିପରି ଡାଏଟ କିପରି ନେବେ ତାହା ମଧ୍ୟ ଏକ ବଡ଼ ଆଲୋଚନାର ପ୍ରସଙ୍ଗ । ଆପଣଙ୍କ ଶରୀରକୁ ଦେଖି ଏବଂ କ୍ଲିନିକାଲ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶ ନେଇ ଡାଏଟ ଗ୍ରହଣ କରନ୍ତୁ । ତେବେ ବ୍ୟାୟାମ ବା ଡାଏଟ ଗ୍ରହଣ କରି ରାତାରାତି ସୁନ୍ଦର ଓ ଆକର୍ଷଣୀୟ ଶରୀରର ଅଧିକାରୀ ହୋଇପାରିବେ ବୋଲି ଚିନ୍ତା କରିବା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ-୯୪୩୭୦୨୩୪୪୩,

# ସନଡାଉନିଙ୍ଗ ସିଣ୍ଡ୍ରୋମ

## ।। ଡାକ୍ତର ସମ୍ରାଟ କର ।।

ବହୁଦିନ ପରେ ଭେଟ ହୋଇଥିଲେ ସାଙ୍ଗ ସୁଜିତ । ଅନେକ ଦିନ ପରେ ପିଲାଦିନର ସାଙ୍ଗଙ୍କୁ ଭେଟିଲା ପରେ ମୋତେ ବହୁତ ଖୁସି ଲାଗିଥିଲା । ତାଙ୍କ ସହିତ ଆସିଥିବା ତାଙ୍କର ଜଣେ ବନ୍ଧୁ ନିରୋଦ ସହ ଆମେ ତିନିଜଣ ସାନ୍ଧ୍ୟ ଭ୍ରମଣ ପାଇଁ ବାହାରିବାର ମୁଁ ପ୍ରସ୍ତାବ ଦେଲି । ତେବେ ନିରୋଦ ଯିବନାହିଁ ବୋଲି ମୁଁ ଜାଣିବାରୁ ମୋର ଉତ୍ସୁକତା ବଢ଼ିଗଲା । ମୁଁ ସବୁ ପଚାରିବାରୁ ସୁଜିତ ମୋତେ କହିଲା ସନ୍ଧ୍ୟା ସମୟରେ ସେ ପ୍ରାୟତଃ କୁଆଡ଼େ ବାହାରକୁ ଯାଏନାହିଁ । କାରଣ ଏହି ସମୟରେ ତାର ଏକ ପ୍ରକାର ମାନସିକ ଅସନ୍ତୁଳନ ଦେଖାଯାଏ ଓ ସେ ଟିକେ ଚିଡ଼ଚିଡ଼ା ହୋଇଯାଏ । ମୁଁ ତାଙ୍କୁ କହିଲି ମୁଁ ଜଣେ ମାନସିକ ରୋଗ ବିଶେଷଜ୍ଞ ଭାବେ ଭଲ ଭାବେ ଜାଣିଛି ଏହା ଏକ ପ୍ରକାର ମାନସିକ ସମସ୍ୟା । ସନ୍ଧ୍ୟା ହେଉଛି ଏମିତି ଏକ ସମୟ ଯେଉଁଥିରେ ଲୋକମାନେ ନିଜ ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇଥାନ୍ତି । କାମର ଚାପ ନଥାଏ । ଦିନସାରା କ୍ଳାନ୍ତକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ମନୋରଞ୍ଜନଧର୍ମୀ କାମ କରିବାକୁ ପସନ୍ଦ କରନ୍ତି । କିନ୍ତୁ କେତେକ ଲୋକଙ୍କ କ୍ଷେତ୍ରରେ ସନ୍ଧ୍ୟା ହେବା ସହିତ ଏକ ପ୍ରକାର ମାନସିକ ସମସ୍ୟା ଦେଖାଦିଏ । ବିଶେଷ ଭାବେ ଆଲଜାଇମର ଏବଂ ଡିମେନ୍‌ସିଆରେ ପୀଡ଼ିତ ବ୍ୟକ୍ତିଙ୍କ ଠାରେ ଶାରୀରିକ ଓ ଭାବନାତ୍ମକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଥାଏ । ସନ୍ଧ୍ୟା ସମୟରେ ଏଭଳି ସମସ୍ୟା ଦେଖାଯାଉଥିବାରୁ ଏହାକୁ ସନଡାଉନ ସିଣ୍ଡ୍ରୋମ ବୋଲି କୁହାଯାଏ । ମନୋଚିକିତ୍ସକମାନେ କହିଛନ୍ତି ଯେ, ସନଡାଉନିଙ୍ଗ ଶବ୍ଦ ଦ୍ୱିପ୍ରହରରୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ବ୍ୟକ୍ତିର ଭ୍ରମାତ୍ମକ ସ୍ଥିତିକୁ ଦର୍ଶାଇଥାଏ । ଏହି ସମୟ ଭିତରେ ବ୍ୟକ୍ତିଠାରେ ଚିନ୍ତା, ଭ୍ରମାତ୍ମକ ଚିନ୍ତାଧାରା, ଆକ୍ରାମକତା, ଦ୍ୱନ୍ଦ୍ୱ ଆଦି ସ୍ଥିତି ଦେଖାଯାଇଥାଏ, ଯାହାକୁ ନେଇ ସେମାନେ ଅବସାଦଗ୍ରସ୍ତ ରହିଥାନ୍ତି । ସନଡାଉନିଙ୍ଗ ସିଣ୍ଡ୍ରୋମ ହେଉଛି ଏକ ନ୍ୟୁରୋଲୋଜିକାଲ ଡିଜଅର୍ଡ଼ର । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ଚିକିତ୍ସା ପ୍ରଣାଳୀ ନଥିଲେ ମଧ୍ୟ ଏହାର ଲକ୍ଷଣଗୁଡ଼ିକୁ ଜାଣିବା ପାଇଁ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଆସୁଛି । ସାଧାରଣ ଭାବେ ଦେଖାଯାଉଥିବା ଲକ୍ଷଣ ଗୁଡ଼ିକ ହେଉଛି ଅସ୍ତବ୍ୟସ୍ତ ଲାଗିବା, ଚିଡ଼ଚିଡ଼ା ଲାଗିବା, ଦ୍ୱନ୍ଦ୍ୱ ଓ ଚିନ୍ତା, ରାସ୍ତା ନପାଇ ନିଜେ ହଜିଯିବା ଭଳି ଲାଗିବା ଇତ୍ୟାଦି । ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏହାର ପ୍ରକୃତ କାରଣ ଜାଣିବାକୁ ଚାହୁଁଛନ୍ତି । ଏହି ସମସ୍ୟାର ସମ୍ପର୍କ ରୋଗୀର ସର୍କେଡିୟନ ରିଦିମ ସହିତ ରହିଛି ଏକ ପ୍ରକାର ଶାରୀରିକ, ମାନସିକ ଓ ବ୍ୟବହାରିକ ପରିବର୍ତ୍ତନ, ଯାହାକୁ ଗୋଟିଏ ଦିନ ବା ୨୪ ଘଣ୍ଟା ତକୁ ପରେ ଆକଳନ କରାଯାଏ । ସୂର୍ଯ୍ୟାସ୍ତ ଯୋଗୁଁ ମନ ଉପରେ ଯେଉଁ ନକାରାତ୍ମକ ପ୍ରଭାବ ପଡ଼େ ତାହାର ଚିକିତ୍ସା ପାଇଁ କେତେକ ଔଷଧ ରହିଛି ।

ଏହି ସମସ୍ୟା ନେଇ ରୋଗୀଟିର ପାଖ ଲୋକମାନଙ୍କର ସେପରି ଭୟଭୀତ ହେବାର କାରଣ ନାହିଁ । କାରଣ ଏହା ଏକ ଗୁରୁତର ମାନସିକ ରୋଗ ସମସ୍ୟା ନୁହେଁ । ତେବେ ଏ କ୍ଷେତ୍ରରେ ଘର ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ରୋଗୀଟି ସହ ଭଲ ଭାବେ ମିଶିବା ସହ ତାଙ୍କ ସହ ଅନାବଶ୍ୟକ କଥା ନଗପି ତାଙ୍କ ସହିତ ବେଶ ଭଲ ସକରାତ୍ମକ କଥାବାର୍ତ୍ତା ହୁଅନ୍ତୁ । ଲୋକଟି ଯେପରି ସୁଷମ ଖାଦ୍ୟ, ସବୁଜ ପନିପରିବା ଓ ତଟକା ଫଳ ଖାଇବାକୁ ପାଇବ ସେ ଦିଗକୁ ଦେଖନ୍ତୁ । ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ । ଅଧିକ ସମସ୍ୟା କିଛି ଦେଖାଦେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ପୁରୀଘାଟ ରୋଡ଼, କଟକ,
ମୋ-୯୧୩୨୪୩୩୩୩୩

# ଖାଁ ଖାଁ ଧାରଣା ସ୍ଥଳ

## ।। କିଶୋର ଚନ୍ଦ୍ର ବେହେରା ।।

ସାଧାରଣ ଜନତା ନିଜର ସ୍ୱାଭିମାନ ଓ ବଂଚିବାର ମୌଳିକ ଆବଶ୍ୟକତା ଯେତେବେଳେ କ୍ଷୁର୍ଣ୍ଣ ହୁଏ, ସେତେବେଳେ ସେ ଆନ୍ଦୋଳନ କରିବା ପାଇଁ ପଥ ବାଛି ନେଇ ଥାଏ । ପ୍ରତ୍ୟେକ ମନୁଷ୍ୟର ଜୀବନଟା ସଂଘର୍ଷ ପୂର୍ଣ୍ଣ ଓ ସମୟ ସାପେକ୍ଷ ହୋଇଥାଏ ନିର୍ଧାରିତ ସ୍ଥାନରେ ପହଂଚିବା ପାଇଁ । ଯେତେବେଳେ ତା'ର ଆବଶ୍ୟକତା ନ୍ୟାର୍ଯ୍ୟ ପ୍ରାପ୍ୟ ଉପରେ କୁଠାର ଘାତ କରନ୍ତି ସରକାର କିମ୍ବା ବିରୋଧି ହୁଅନ୍ତୁ ସେତେବେଳେ ସେ ବାଧହୋଇ ଆନ୍ଦୋଳନ କରିବା ପାଇଁ ଆଗେଇ ଯାଇଥାଏ । ସେହି ଆନ୍ଦୋଳନ ତା' ପାଇଁ ଥାଏ ସାମ୍ବିଧାନିକ ନୀତି ନିୟମର କିଛି କଟକଣା କଣ୍ଠରୋଧ କରିଥାଏ ଆନ୍ଦୋଳନ କାରିଙ୍କୁ । ବିପ୍ଳବ ହିଁ ପରିବର୍ତ୍ତନର ନୂତନ ଅଧ୍ୟାୟ ସୃଷ୍ଟି କରିଥାଏ । ଯଦି ଆମ୍ଭର ଇତିହାସ ପୃଷ୍ଠାଟିକୁ ଓଲଟାଇବା ଓ ଅନୁଧାନ କରିବା ସେଥିରେ ପରିବର୍ତନ ସୁନିର୍ଣ୍ଣିତ ହେବା ସହ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଛି । ମଣିଷଟିଏ ବଂଚି ଥାଏ ତା'ର ସ୍ୱାଭିମାନ ଓ ସାମାଜିକ ନିରାପତ୍ତା କୁ ନେଇ ଆନ୍ଦୋଳନ କିମ୍ବା ଧାରଣା ଦେଇଥାଏ ନିଜର ନ୍ୟାର୍ଯ୍ୟ ଦାବି ପାଇଁ । ଯେତେ ସବୁ ଆନ୍ଦୋଳନ କିମ୍ବା ଧାରଣା ସମସ୍ତ ବ୍ୟବସ୍ଥା ମାନବକୃତ ଏଥି ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ଭୂମିକା ସମପରିମାଣରେ ଉତରଦାୟୀ । ଏହି ବିପର୍ଯ୍ୟସ୍ତ ବ୍ୟବସ୍ଥା ପାଇଁ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଘଟଣା ମାନ ଘଟୁଛି ବୋଲି ବିରୋଧୀମାନେ ଫାଇଦା ଉଠାଉ ଥାନ୍ତି ନିଜର ମିଛ ପାରିବା ପଣିଆ ଦେଖାଇବା ପାଇଁ । ସେହି ଧାରଣ ସ୍ଥଳରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଆନ୍ଦୋଳନ କାରିଙ୍କ ପାଖରେ ପହଂଚି ନିର୍ଧାରିତ ଦାବି ସଂପର୍କରେ ନବୁଝି ନଜାଣି ସରକାରୀ ବିରୋଧୀ ମନ୍ତବ୍ୟ ରଖି ଆନ୍ଦୋଳନକାରିଙ୍କୁ ବିଭ୍ରାନ୍ତିକରି ସହଜ ସମାଧାନ ବାଟକୁ ସମୟସାପେକ୍ଷ କରିଥାନ୍ତି । ନିଜର ହକ୍ ପାଇଁ ବିଭିନ୍ନ ସଂଗଠନ ଜାତୀୟ ସ୍ତରରେ ଦିଲ୍ଲୀର ପ୍ରମୁଖ ଧାରଣା ସ୍ଥଳ ଜନ୍ତରମନ୍ତରରେ ଆନ୍ଦୋଳନର ସ୍ୱର ସୁରୁଥିଲାବେଳେ, ଆମ୍ଭ ରାଜ୍ୟର ରାଜଧାନୀ ପବିତ୍ର ଗାନ୍ଧୀ ମାର୍ଗ ପ୍ରମୁଖ ଧାରଣା ସ୍ଥଳ । ରାଜନେତା, ମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ସରକାରୀ ବାସଭବନ ଗାନ୍ଧୀ ମାର୍ଗର ଦୁଇ ପାର୍ଶ୍ୱରେ ଅବସ୍ଥିତ । ଘରୁ ବାହାରିଲା କ୍ଷଣି ସମସ୍ତଙ୍କ ନଜର ଆନ୍ଦୋଳନ କାରିଙ୍କ ଉପରେ ପଡ଼ିଥାଏ । ବିଧାନ ସଭା ଅଧିବେଶନ ଚାଲିଥିଲା ବେଳେ ବିଭିନ୍ନ ସଂଗଠନର ଦାବି ଓ ନାରାବାଜିରେ କମ୍ପି ଥାଏ ଲୋୟର ପିଏମଜି । ଧାରଣାରତ ସଂଗଠନକୁ ବୁଝାସୁଝା କରିବା ଲାଗି ନାକେଦମ ହୋଇଯାନ୍ତି ।

ସାଧାରଣ ନିର୍ବାଚନ ଏକ ବର୍ଷ ପୂର୍ବରୁ ନିଜର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଆଗେଇ ଆସନ୍ତି ସରକାରଙ୍କ ଠାରେ ନିଜର ହକ୍ ପାଇଁ । ଏହି କ୍ରମରେ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କ୍ୟାଡ଼ର ପୁନର୍ଗଠନ ଦାବି ରିଖିଥିଲା ବେଳେ ଓଡ଼ିଶା ପରିବହନ କର୍ମଚାରୀ ସଂଘ ସାମାଜିକ ନିରାପତ୍ତା ଓ ମୃର୍ତ୍ୟୁକାଳୀନ ଅନୁକମ୍ପା ରାଶି ବୃଦ୍ଧି ନିମନ୍ତେ ଜିଦ୍ ଧରି ବସିଥିଲେ । ଆୟୁଷ ଡ଼ାକ୍ତରୀ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ସମସ୍ୟା ଓ ଉଚ୍ଚତର ଶିକ୍ଷା ନିମନ୍ତେ ବ୍ୟାଙ୍କ ଋଣ ସୁବିଧା ନିମନ୍ତେ ନିଜର ନ୍ୟାର୍ଯ୍ୟ ଦାବି ଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ । ମିଳିତ ସାମ୍ବାଦିକ ସଂଘ ମହାମଂଚର ସ୍ୱିକୃତି ପ୍ରାପ୍ତ ସାମ୍ବାଦିକଙ୍କୁ ପେନସନ ସୁବିଧାର ସ୍ୱର ଉଠିଥିଲା । ଗାଁ ସାଥି ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି ସହାୟିକା, ଆଶା କର୍ମୀମାନଙ୍କ ସହାୟତା ରାଶିକୁ ବୃଦ୍ଧି ନିମନ୍ତେ ସ୍ୱର ଉଠିଥିଲା ଧାରଣା ସ୍ଥଳରେ । ଅନେକ ସଂଗଠନ ମଧ୍ୟରେ ଶିକ୍ଷା ଓ ଶିକ୍ଷକ ସମସ୍ୟାର ସମାଧାନ ନିମନ୍ତେ ମହାତ୍ମା ଗାନ୍ଧୀମାର୍ଗରେ ୪୯୭ ଦିନ ଧରି ଆନ୍ଦୋଳନରେ ବସିଥିବା ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଅସନ୍ତୁଷ୍ଟ ହୋଇ ଘରକୁ ଫେରିଛନ୍ତି । ରାଜ୍ୟର ବିଭିନ୍ନ ଅନୁଦାନ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ୨୦୦୮ ମସିହାରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଦାବି କରିଆସୁଥିଲା ସଂଘ । କିନ୍ତୁ ସଂଘର ଦାବି ଶୁଣିଲେନି ସରକାର । ଶେଷରେ ନିରାଶ ହୋଇ ଘରକୁ ଫେରିବାକୁ ବାଧ ହୋଇଛନ୍ତି ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ।

ଗତ କିଛି ଦିନ ତଳେ ଗହଳି ଥିଲା ଭୁବନେଶ୍ୱର ମହାତ୍ମା ଗାନ୍ଧୀମାର୍ଗ ଲୋୟର ପିଏମଜି ଦୃଶ୍ୟ ସରକାର ବିରୋଧୀ ନାରାବାଜିରେ ଉଚୁଥିଲା ପଡୁଥିଲା ଧାରଣା ସ୍ଥଳ । ହେଲେ ନିର୍ବାଚନ ଆଚରଣ ବିଧି ଲାଗୁହେଲା ପରେ ଶୁନଶାନ୍ ହୋଇଗଲାଣି ଭୁବନେଶ୍ୱର ଗାନ୍ଧୀମାର୍ଗ । ସମସ୍ତ ଅନୁଷ୍ଠାନ ଘରକୁ ଫେରିଗଲେଣି ହତାସ ଓ ହତୋତ୍ସାହିତ ହୋଇ ତଥାପି ଆଶାବି ମଉଳି ଯାଇନାହିଁ ପୁଣି ଅନୁରୋଧ କରିବାକୁ ଆସିବେ ନୂଆ ସରକାରଙ୍କ ନିକଟରେ । ଆନ୍ଦୋଳନ କାରୀ ନଥିବାରୁ ସୁରକ୍ଷା କର୍ମୀଙ୍କ ସଂଖ୍ୟା ଆପାତତଃ ହ୍ରାସ ପାଇଛି । ଶୁଣିବାକୁ ମିଳୁନି ସରକାରୀ ବିରୋଧୀ ନାରା କିମ୍ବା ଆନ୍ଦୋଳନ କରିବା ପାଇଁ ଏକତ୍ରିତ ହେଉନାହାନ୍ତି କଂଗ୍ରେସର ଭବନ ନିକଟରେ । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଧାରଣା ହେଲେ ଜମି ଉଠେ ଉଠା ଦୋକାନୀଙ୍କ ଭିଡ । ଭଲ ଦି ପଇସା ରୋଜଗାର ହୁଏ ଏବଂ ନିଜ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ହୁଅନ୍ତି । କିନ୍ତୁ ଆନ୍ଦୋଳନକାରୀ ନଥିବାରୁ ଉଠା ଦୋକାନୀଙ୍କର ଦେଖାନାହିଁ, ସତେ ଯେପରି ଅପରିଚିତ ହୋଇଯାଇଛି ଏହି ପବିତ୍ର ଗାନ୍ଧୀ ମାର୍ଗ । ଧାରଣା ସ୍ଥଳ ଏବେ ଖାଁ ଖାଁ ଏବଂ ଶୁନଶାନ୍ ।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮



ସେଇଥୁ ଆରମ୍ଭ

SEITHO ARAMBHA



ଗୁରୁବାର, ୨୧ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୮


# ଏସିଆ କପ ହକି: ଭାରତୀୟ ଦଳରେ ୨ ଓଡ଼ିଆ



ନୂଆଦିଲ୍ଲୀ, ୨୦।୦୮ (ନ୍ୟୁ.ଏ) : ଆସନ୍ତା ପୁରୁଷ ହକି ଏସିଆ କପ ପାଇଁ ଆଜି ଭାରତୀୟ ଦଳ ଘୋଷଣା କରାଯାଇଛି । ୧୮ ଜଣିଆ ଦଳର ନେତୃତ୍ୱ ଷ୍ଟାର ଡ୍ରାଗ ଫ୍ଲିକର ହରମନପ୍ରୀତ ସିଂହ ନେବେ । ଏହି ଦଳରେ ଓଡ଼ିଶାର ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ରହିଛନ୍ତି । ସେହିପରି ଷ୍ଟାଣ୍ଡବାଇରେ ଆଉ ଜଣେ ଓଡ଼ିଆ ନୀଳମ ସଞ୍ଜୀପ ଖେସଙ୍କୁ ରଖାଯାଇଛି । ଆସନ୍ତା ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ଯାଏ ବିହାରରେ ନୂଆ କରି ବିକଶିତ ହୋଇଥିବା ରାଜଗିର ଷ୍ଟାଡିୟମରେ ଏସିଆ କପ ଅନୁଷ୍ଠିତ ହେବ । ୧୮ ଜଣିଆ ଭାରତୀୟ ସ୍କ୍ୱାଡରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିଛି । ଏସିଆ କପର ବିଜେତା ସିଧାସଳଖ ଆସନ୍ତା ବର୍ଷ ବେଲଜିୟମ ଓ ନେଦରଲ୍ୟାଣ୍ଡ ଆୟୋଜନ କରୁଥିବା ପୁରୁଷ ହକି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିବ । ତେଣୁ ଭାରତୀୟ ଦଳ ପାଖରେ ବିଶ୍ୱକପ ଟିକେଟ ହାସଲ କରିବାର ସୁବର୍ଣ୍ଣ ସୁଯୋଗ ରହିଛି । ଭାରତ ଗ୍ରୁପ ଏରେ ସ୍ଥାନ ପାଇଛି । ଏହି ଗ୍ରୁପରେ ଭାରତ ବ୍ୟତୀତ ଜାପାନ, ଚାଇନା ଓ କାଜାଖସ୍ତାନ ରହିଛନ୍ତି । ଭାରତ ତା'ର ଏସିଆ କପ ଅଭିଯାନ ଅଗଷ୍ଟ ୨୯ରେ ଚାଇନା ବିପକ୍ଷରୁ ଆରମ୍ଭ କରିବ । ଏହାପରେ ଅଗଷ୍ଟ ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନକୁ ଭେଟିବ । ଦଳରେ ରାଜିନ୍ଦର ସିଂହ, ଶିଳାନନ୍ଦ ଲାକ୍ରା ଓ ଦିଲପ୍ରୀତ ସିଂହ ରହିଛନ୍ତି । ଏହି ୩ ଜଣ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ଯାଇଥିଲେ । ଶମଶେର ସିଂହଙ୍କ ସ୍ଥାନରେ ରାଜିନ୍ଦର ସୁଯୋଗ ପାଇଥିବା ବେଳେ ନିକଟରେ ଅବସର ଘୋଷଣା କରିଥିବା ଲଳିତ ଉପାଧ୍ୟାୟଙ୍କ ସ୍ଥାନ ନେଇଛନ୍ତି ଲାକ୍ରା । ଗୁରଜନ୍ତ ସିଂହଙ୍କ ବଦଳରେ ଦିଲପ୍ରୀତଙ୍କୁ ପୁଣି ସୁଯୋଗ ଦିଆଯାଇଛି । ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ଗୁରଜନ୍ତ ସିଂହଙ୍କୁ ଚୟନ କରାଯାଇ ନଥିଲା । ଗୋଲକିପର ଦାୟିତ୍ୱ ନିର୍ଭରଯୋଗ୍ୟ କ୍ରିଷନ ବି ପାଠକ ଓ ସୂରଜ କାରକେରାଙ୍କ ଉପରେ ରହିବ । ଡିଫେନ୍ସରେ ହରମନପ୍ରୀତ ସିଂହଙ୍କ ସହ ଅମିତ ରୋହିଦାସ ରହିଛନ୍ତି । ଏହି ଦୁଇ ଭେଟେରାନଙ୍କ ଜରମନପ୍ରୀତ ସିଂହ, ସୁମିତ, ସଞ୍ଜୟ ଓ ଯୁଗରାଜ ସିଂହ ସାଥ ଦେବେ । ମିଡଫିଲ୍ଡର ଭାବେ ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ରଜିନ୍ଦର, ରାଜ କୁମାର ପାଲ ଓ ହାର୍ଦ୍ଦିକ ସିଂହ ରହିଛନ୍ତି । ଫରୱାର୍ଡ ଲାଇନର ଦାୟିତ୍ୱ ମନଦୀପ ସିଂହ, ଅଭିଷେକ, ସୁଖଜିତ ସିଂହ, ଶିଳାନନ୍ଦ ଓ ଦିଲପ୍ରୀତଙ୍କ ଉପରେ ରହିବ । ୧୮ ଜଣିଆ ସ୍କ୍ୱାଡରେ ନୀଳମ ସଞ୍ଜୀପଙ୍କୁ ରଖା ଯାଇ ନାହିଁ । କିନ୍ତୁ ସଞ୍ଜୀପ ଓ ସେଲଭମ କାର୍ତି ଷ୍ଟାଣ୍ଡବାଇରେ ରହିଛନ୍ତି ।

# ଆଇସିସି ଓଡିଆଇ ରାଙ୍କିଙ୍ଗରୁ ହଟିଲା ବିରାଟ-ରୋହିତଙ୍କ ନାମ



ନୂଆଦିଲ୍ଲୀ, ୨୦।୦୮ (ନ୍ୟୁ.ଏ) : କ୍ରିକେଟ ଫ୍ୟାନ୍ସଙ୍କୁ ଚକିତ କରିବା ଭଳି ଖବର ସାମ୍ନାକୁ ଆସିଛି । ଭାରତର ଦୁଇ ଷ୍ଟାର ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନାଁକୁ ଆଇସିସି ଚଳିତ ସପ୍ତାହର ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରୁ ହଟାଇ ଦେଇଛି । ରାଙ୍କିଙ୍ଗରେ ରୋହିତ ଓ ବିରାଟ ଯଥାକ୍ରମେ ୨ ନମ୍ବର ଓ ୪ ନମ୍ବରରେ ରହିଥିଲେ । ଉଭୟ ବେଶ କିଛି ମାସ ହେଲାଣି ଟପ ୧୦ ବ୍ୟାଟରଙ୍କ ମଧ୍ୟରେ ରହି ଆସୁଥିଲେ । ହେଲେ ଆଜି ଆଇସିସି ଜାରି କରିଥିବା ସାପ୍ତାହିକ ରାଙ୍କିଙ୍ଗ ତାଲିକାରୁ ହଠାତ୍ ଉଭୟଙ୍କ ନାଁ ହଟି ଯାଇଛି । ଉଭୟଙ୍କ ନାଁ ଟପ୍ ୧୦ କିମ୍ବା ଟପ ୧୦୦ ମଧ୍ୟରେ ବି ନାହିଁ । ଯଦି କୌଣସି ଖେଳାଳୀ ଅବସର ଘୋଷଣା କରନ୍ତି, ତା'ହେଲେ ଆଇସିସି ରାଙ୍କିଙ୍ଗରୁ ନାଁ ହଟାଇବାର ପ୍ରାବଧାନ ରହିଛି । କିନ୍ତୁ ରୋହିତ କିମ୍ବା ବିରାଟ କେହି ବି ଏଯାଏ ଦିନିକିଆରୁ ଅବସର ଘୋଷଣା କରି ନାହାନ୍ତି । ତଥାପି ଆଇସିସି କାହିଁକି ଏପରି ପଦକ୍ଷେପ ନେଲା, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଗତ ସପ୍ତାହରେ ରୋହିତ ଓ ବିରାଟ ଟପ ୧୦ରେ ବେଶ ମଜବୁତ ହୋଇ ରହିଥିଲେ । ବାବର ଆଜମଙ୍କୁ ପଛରେ ପକାଇ ରୋହିତ ୩ନମ୍ବରରୁ ୨ନଂକୁ ଉଠିଥିଲେ । ବିରାଟ ପୂର୍ବଭଳି ୪ନମ୍ବରରେ ରହିଥିଲେ । ଭାରତର ଶୁବମନ ଗିଲ ପୂର୍ବ ଭଳି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବେଳେ ରୋହିତ ଓ ବିରାଟ ହଠାତ ବାଦ ପଡ଼ିବାରୁ ଶ୍ରେୟସ ଆୟର ୮ରୁ ୬ ନମ୍ବରକୁ ଉଠି ଯାଇଛନ୍ତି । ପାକିସ୍ତାନର ବାବର ଆଜମ ଦ୍ୱିତୀୟ, ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ତୃତୀୟ, ଶ୍ରୀଲଙ୍କାର ଚରିଥ ଅସଲଙ୍କା ୪ର୍ଥ ଓ ଆୟର୍ଲାଣ୍ଡର ହ୍ୟାରୀ ଟେକ୍ଟର ୫ମ ସ୍ଥାନରେ ଅଛନ୍ତି । ରୋହିତ ଓ ବିରାଟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସାରିଛନ୍ତି । କିନ୍ତୁ ଉଭୟ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି । ଏବେ ଭାରତର କୌଣସି ଦିନିକିଆ ସିରିଜ ନଥିବାରୁ ଉଭୟଙ୍କୁ ପଡ଼ିଆରେ ଦେଖିବାକୁ ମିଳୁନାହିଁ । ଶେଷ ଥର ପାଇଁ ଉଭୟ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ନଜର ଆସିଥିଲେ ।

# ୧୬ ବର୍ଷରେ ବିବାହ କରିପାରିବେ ମୁସଲିମ ଯୁବତୀ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୦।୦୮ (ନ୍ୟୁ.ଏ) : ୧୬ ବର୍ଷରେ ବିବାହ କରିପାରିବେ ମୁସଲିମ ଯୁବତୀ । ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଜଣେ ମୁସଲିମ ଯୁବତୀଙ୍କୁ ବିବାହ ପାଇଁ ଦେଇଥିବା ଅନୁମତି ଉପରେ ରୋକ୍ ଲଗାଇଲେନି ସର୍ବୋଚ୍ଚ ଅଦାଲତ । ବିବାହକୁ ବିରୋଧ କରି ସୁପ୍ରିମକୋର୍ଟ ଯାଇଥିଲେ ଆବେଦନକାରୀ । ୧୬ ବର୍ଷୀୟ ମୁସଲିମ ଯୁବତୀ ୨୧ ବର୍ଷୀୟ ମୁସଲିମ ଯୁବକଙ୍କୁ ବିବାହ କରିପାରିବେ ବୋଲି କହିଛନ୍ତି କୋର୍ଟ । ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି । ୨୦୨୨ରେ ହାଇକୋର୍ଟ ଦେଇଥିବା ଏହି ରାୟକୁ ଚ୍ୟାଲେଞ୍ଜ କରିଥିଲେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ । ଗତ ମଙ୍ଗଳବାର ସୁପ୍ରିମକୋର୍ଟ ରାଷ୍ଟ୍ରୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (NCPCR) ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ଆବେଦନରେ ୨୦୨୨ ମସିହାରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦେଇଥିବା ଏକ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ଜଣେ ୧୬ ବର୍ଷୀୟା ମୁସଲିମ ଝିଅ ଏକ ବୈଧ ବିବାହ କରିପାରିବ । ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠ କହିଛନ୍ତି ଯେ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ଘଭଡଭଜର କୌଣସି ଆଇନଗତ ଅଧିକାର (locus standi) ନାହିଁ । ଏହି ମାମଲାଟି ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଏକ ରାୟରୁ ଆରମ୍ଭ ହୋଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଜଣେ ମୁସଲିମ ଝିଅ ୧୫ ବର୍ଷ ବୟସରେ ଯୌବନାବସ୍ଥା (puberty) ପ୍ରାପ୍ତ କରିବା ପରେ ନିଜ ପସନ୍ଦର ବ୍ୟକ୍ତିଙ୍କୁ ବିବାହ କରିବା ପାଇଁ ସକ୍ଷମ । ହାଇକୋର୍ଟ ଜଣେ ୧୬ ବର୍ଷୀୟା ଝିଅ ଏବଂ ତାଙ୍କ ସ୍ୱାମୀଙ୍କୁ ପରିବାରର ଧମକରୁ ସୁରକ୍ଷା ପ୍ରଦାନ କରିଥିଲେ । ଘଭଡଭଜ ନିଜ ଆବେଦନରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛି ଏବଂ ଏହା ବାଲ୍ୟ ବିବାହ ନିଷେଧ ଅଧିନିୟମ, ୨୦୦୬ ଏବଂ ପୋକ୍ସୋ ଅଧିନିୟମ, ୨୦୧୨ ଭଳି ଧର୍ମନିରପେକ୍ଷ ଆଇନର ବିରୁଦ୍ଧାଚରଣ କରୁଛି । ବ୍ୟକ୍ତିଗତ ଆଇନ (personal law) ଏହି ଆଇନଗୁଡ଼ିକ ଉପରେ ପ୍ରାଧାନ୍ୟ ଦେଇପାରିବ କି ନାହିଁ, ସେନେଇ ଏକ ଆଇନଗତ ପ୍ରଶ୍ନ ଉଠାଇଥିଲା ଆୟୋଗ । ତେବେ ସୁପ୍ରିମକୋର୍ଟ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଯେଉଁଠି ହାଇକୋର୍ଟ ଏକ ଯୁବ ଦମ୍ପତିଙ୍କ ଜୀବନ ଓ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିଛନ୍ତି, ସେଠାରେ NCPCR କିପରି ହସ୍ତକ୍ଷେପ କରୁଛି । ଖଣ୍ଡପୀଠ କହିଥିଲେ, 'ଯଦି ଦୁଇ ନାବାଳକ-ନାବାଳିକାଙ୍କୁ ହାଇକୋର୍ଟ ସୁରକ୍ଷା ଦେଉଛନ୍ତି, ତେବେ ଘଭଡଭଜ କିପରି ଏହିପରି ଆଦେଶକୁ ଚ୍ୟାଲେଞ୍ଜ କରିପାରିବ ? ଏହା ଆଶ୍ଚର୍ଯ୍ୟଜନକ ଯେ ଶିଶୁମାନଙ୍କ ସୁରକ୍ଷା ପାଇଁ ଥିବା ଘଭଡଭଜ ଏଭଳି ଏକ ଆଦେଶକୁ ଚ୍ୟାଲେଞ୍ଜ କରୁଛି ।' ଶେଷରେ, ଖଣ୍ଡପୀଠ ଏହି ମାମଲାରେ କୌଣସି ଆଇନଗତ ପ୍ରଶ୍ନ ଉଠୁନାହିଁ ବୋଲି କହି ଘଭଡଭଜର ଆବେଦନକୁ ଖାରଜ କରିଦେଇଛନ୍ତି ଏବଂ କହିଛନ୍ତି ଯେ ଶିଶୁ ଅଧିକାର ସଂସ୍ଥା 'ଏହି ମାମଲା ସହିତ ଜଡ଼ିତ ନୁହେଁ' । ଏହି ନିଷ୍ପତ୍ତି ଭାରତରେ ବ୍ୟକ୍ତିଗତ ଆଇନ ଏବଂ ଧର୍ମନିରପେକ୍ଷ ଆଇନ ମଧ୍ୟରେ ଲାଗିରହିଥିବା ବିବାଦକୁ ପୁଣି ଥରେ ସାମ୍ନାକୁ ଆଣିଛି, ବିଶେଷକରି ବିବାହର ସର୍ବନିମ୍ନ ବୟସକୁ ନେଇ । ଭାରତରେ ବିବାହ ପାଇଁ ଝିଅମାନଙ୍କ ସର୍ବନିମ୍ନ ବୟସ ୧୮ ବର୍ଷ ଏବଂ ପୁଅମାନଙ୍କ ପାଇଁ ୨୧ ବର୍ଷ ଥିବାବେଳେ, ମୁସଲିମ ବ୍ୟକ୍ତିଗତ ଆଇନ ଯୌବନାବସ୍ଥା ପ୍ରାପ୍ତି ପରେ ବିବାହକୁ ଅନୁମତି ଦେଇଥାଏ । ଏହା ପୂର୍ବରୁ ରାଷ୍ଟ୍ରୀୟ ମହିଳା ଆୟୋଗ (ଘଡଡ) ମଧ୍ୟ ସମସ୍ତ ଧର୍ମ ପାଇଁ ଏକ ସମାନ ବିବାହ ବୟସ ନିର୍ଦ୍ଧାରଣ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।

# ଆଫଗାନିସ୍ତାନରେ ଭୟଙ୍କର ବସ୍ ଦୁର୍ଘଟଣା : ୭୯ ଯାତ୍ରୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୦।୦୮ (ନ୍ୟୁ.ଏ) :ଆଫଗାନିସ୍ତାନରେ ଏକ ଭୟଙ୍କର ବସ୍ ଦୁର୍ଘଟଣାରେ ୭୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁସାରେ, ବସ୍‌ଟି ପ୍ରବାସୀମାନଙ୍କୁ ନେଇ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ପରେ ନିଆଁ ଲାଗି ଜଳି ଯାଇଥିଲା । ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ନିଆଁ ସେତେବେଳକୁ ବସ୍‌ରେ ଅଧିକ ମାତ୍ରାରେ ବ୍ୟାପି ଯାଇଥିଲା । ଆଫଗାନ୍ କର୍ତ୍ତୃପକ୍ଷ ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏବଂ ମୃତକ ଓ ଆହତ ପରିବାରଙ୍କୁ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ତାଲିବାନ ମୁଖପାତ୍ର ଅହମଦୁଲ୍ଲା ମୁତାବିକ କହିଛନ୍ତି, ଇରାନରୁ ଫେରୁଥିବା ଆଫଗାନୀ ନାଗରିକ, ପ୍ରବାସୀଙ୍କୁ ନେଇ ଯାଉଥିବା ବସ୍ ଏକ ଟ୍ରକ୍ ଏବଂ ମୋଟରସାଇକେଲ ସହିତ ଧକ୍କା ହେବା ପରେ ବସ୍‌ରେ ନିଆଁ ଲାଗିଯାଇଥିଲା । ହେରାତ ପୁଲିସ କହିଛି, ବସ୍‌ର ଅତ୍ୟଧିକ ଗତି ଏବଂ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟିଛି । ଗତ ବର୍ଷ ଡିସେମ୍ବରରେ, କେନ୍ଦ୍ରୀୟ ଆଫଗାନିସ୍ତାନର ରାଜପଥରେ ଏକ ବସ୍, ଏକ ଇନ୍ଧନ ଟ୍ୟାଙ୍କର୍ ଏବଂ ଏକ ଟ୍ରକ୍ ସହିତ ହୋଇଥିବା ଦୁଇଟି ଦୁର୍ଘଟଣାରେ ଅତି କମ୍‌ରେ ୫୨ ଜଣଙ୍କର ମୃତ୍ୟୁ ହୋଇଥିଲା । ଆଫଗାନିସ୍ତାନ ପରେ ଆଉ ଏକ ଦୁଃଖଦ ଖବର ଉପରେ ନଜର ପକାଇବା, ଯାହା ନାଇଜେରିଆରୁ ଆସିଛି । ଉତର ନାଇଜେରିଆର ବୋର୍ନୋ ରାଜ୍ୟରେ ଏକ ମସଜିଦ ଉପରେ ଦୁର୍ବୃତଙ୍କ ଆକ୍ରମଣରେ ଅତି କମ୍‌ରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଯେତେବେଳେ ଅଜଣା ଆକ୍ରମଣକାରୀମାନେ ମସଜିଦରେ ନମାଜ ପଢୁଥିବା ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ । ଏହି ଆକ୍ରମଣରେ ଅନେକ ଲୋକ ଆହତ ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି । ସ୍ଥାନୀୟ ପୁଲିସ ଓ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଆକ୍ରମଣ ପଛରେ କାହାର ହାତ ଅଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସ୍ଥାନୀୟ ଲୋକମାନେ ଏହି ଘଟଣାକୁ ନିନ୍ଦା କରିଛନ୍ତି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ।

# ଲୋକସଭାରେ ବିଲ୍ ପାସ୍ : ବ୍ୟାନ ହେବ ଅନଲାଇନ୍ ଗେମ୍




ନୂଆଦିଲ୍ଲୀ : ଲୋକସଭାରେ ପାସ୍ ହୋଇଛି ଅନଲାଇନ୍ ଗେମିଂ ବିଲ୍-୨୦୨୫ । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବାଚନିକ ଭୋଟ୍‌ରେ Promotion and Regulation of Online Gaming Bill ପାରିତ ହୋଇଛି । ଲୋକସଭାରେ ଏହା ପାରିତ ହୋଇଥିବା ବେଳେ ରାଜ୍ୟସଭାର ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବ । ଏହା ଆଇନରେ ପରିଣତ ହେଲେ ଟଙ୍କା ଲଗାଣକାରୀ Dream 11 ଓ My11Circleର ଭଳି ଫ୍ୟାଂଟାସୀ ଆପ୍ ଭାରତରେ ବ୍ୟାନ ହୋଇଯିବ । ଅନଲାଇନ୍ ଗେମ୍ ଅନେକ ଲୋକଙ୍କ ଜୀବନ ନେଉଛି । ୩୧ ମାସରେ ୩୨ ଜଣ ଲୋକ ଅନ୍‌ଲାଇନ୍ ଗେମ୍ ଖେଳି ପ୍ରାଣ ହରାଇଛନ୍ତି । ଅନଲାଇନ୍ ଗେମ୍ ମାଧ୍ୟମରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ହେଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ବିଲରେ କୁହାଯାଇଛି ଯେ ଯଦି କୌଣସି କମ୍ପାନୀ ରିୟଲ ମନି ଗେମ୍ସର ସୁବିଧା ଉପଲବ୍ଧ କରନ୍ତି, ତା'ହେଲେ ଏଥିପାଇଁ ୩ ବର୍ଷର ଜେଲ ଓ ୧ କୋଟି ଟଙ୍କାର ଜୋରିମାନା ଲାଗୁ ହେବ । ସେହିପରି ଏପରି ଗେମିଂ ଆପର ବିଜ୍ଞାପନ କଲେ ବା ପ୍ରଚାର ପ୍ରସାର କଲେ ୨ ବର୍ଷ ଯାଏ ଜେଲ ଓ ୫୦ ଲକ୍ଷ ଟଙ୍କା ଯାଏ ଜୋରିମାନା ଲାଗୁ କରାଯିବ । ଅନଲାଇନ ଗେମିଂ ବିଲ ବା ଅନଲାଇନରେ ବିଭିନ୍ନ ପ୍ରକାରର କ୍ରୀଡ଼ାକୁ ନେଇ ହେଉଥିବା ଜୁଆ ଉପରେ ରୋକ ଲାଗିବ । ସରକାରଙ୍କ ଏପରି ପଦକ୍ଷେପ ଇ-ସ୍ପୋର୍ଟସ ଶିଳ୍ପକୁ ଉତ୍ସାହିତ କରିଥିବା ବେଳେ ମଲ୍ଟି ବିଲିୟନର ରିୟଲ ମନି ଗେମିଂ ମାର୍କେଟରେ ଆତଙ୍କ ସୃଷ୍ଟି କରିଛି । Promotion and Regulation of Online Gaming Bill ଆଇନରେ ପରିଣତ ହେବା ପରେ Dream 11 ଓ My11Circleର ଭଳି ପ୍ଲାଟଫର୍ମ ବ୍ୟାନ ହେବ । କାରଣ ସମସ୍ତ ପ୍ରକାରର ଅର୍ଥ ଲଗାଣକାରୀ ପ୍ଲାଟଫର୍ମକୁ ଦେଶରେ ନିଷିଦ୍ଧ କରିବାକୁ ସରକାର ଏହି ବିଲ ଆଣିଛନ୍ତି । କେବଳ Dream 11 ଓ My11Circleର ନୁହେଁ, MPL, Winzo, GamesKraft, 99Games, KheloFantasy, Games24x7, Pokerbaazi, Rummy, and Parimatch ମଧ୍ୟ ଦେଶରେ ବ୍ୟାନ ହୋଇଯିବ । ବ୍ୟାନ ଦ୍ୱାରା ୪ ଲକ୍ଷ କମ୍ପାନୀ, ୨ ଲକ୍ଷ ଚାକିରି, ୨୫ ହଜାର କୋଟିର ନିବେଶ ଓ ସରକାର ବାର୍ଷିକ ଜିଏସଟିରୁ ଆଦାୟ କରୁଥିବା ୨୦ ହଜାର କୋଟି ଟଙ୍କା ହରାଇବେ । ବର୍ତ୍ତମାନ ଦେଶରେ ଅନଲାଇନ ଗେମିଂ ମାର୍କେଟର ମୂଲ୍ୟ ୩.୭ ବିଲିୟନ ଡଲାର ରହିଛି । ଆକଳନ କରାଯାଉଥିଲା ଯେ ଏହା ୨୦୨୯ ସୁଦ୍ଧା ୯.୧ ବିଲିୟନ ଡଲାରରେ ପହଂଚିବ । ଆଜିକା ଦିନକରେ ଏଥିରୁ ମିଳୁଥିବା ମୋଟ ରାଜସ୍ୱର ୮୬% ଅଂଶ ରିୟଲ ମନି ଗେମିଂ ଆପରୁ ମିଳୁଛି । ବିଶେଷଜ୍ଞଙ୍କ ମତରେ ବିଲ ଆଇନରେ ପରିଣତ ହେବାର ଅର୍ଥ ଗେମିଂ ଇଣ୍ଡଷ୍ଟ୍ରୀର ମୃତ୍ୟୁ ହେବ । ସେମାନେ ଆୟ କରିବାର ପନ୍ଥା ହରାଇବାର ଆଶଙ୍କା ଥିବାରୁ ନିଜର ସେବାକୁ ବନ୍ଦ କରିବାକୁ ବାଧ୍ୟ ହେବେ । ବିଲ ଉପରେ ବିଚାର କରିବାକୁ ଅଲ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଓ ଫେଡେରେସନ ଅଫ ଇଣ୍ଡିଆନ ଫାଂଟାସୀ ସ୍ପୋର୍ଟସ ପକ୍ଷରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଥିଲେ । କିନ୍ତୁ ଏହାର କୌଣସି ସୁଫଳ ମିଳିନାହିଁ । ସେମାନଙ୍କ କହିବା କଥା ଘରୋଇ କ୍ରୀଡ଼ାର ପ୍ରାୟୋଜକ ସାଜିବାରେ ଫାଂଟାସୀ ଗେମିଂ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ରାଜ୍ୟ ଓ ସହର ସ୍ତରୀୟ ଟି-୨୦ ଲିଗଗୁଡ଼ିକ ପ୍ରାୟୋଜକଙ୍କ ଉପରେ ନିର୍ଭର କରନ୍ତି । ରିୟଲ ମନି ଗେମିଂ ସେକ୍ଟର ଏଥିପାଇଁ ପାଣ୍ଠି ଯୋଗାଇ ଥାଆନ୍ତି । ଯଦି ଏହି ସେକ୍ଟର ବନ୍ଦ ହୋଇଯିବ, ତା'ହେଲେ ଭାରତୀୟ କ୍ରିକେଟକୁ ଏହା କିଛି ମାତ୍ରାରେ ଦୁର୍ବଳ କରିବ । ଭାରତୀୟ କ୍ରିକେଟର ପ୍ରାୟୋଜକ ଡ୍ରିମ ୧୧ ପ୍ରାୟ ୩୫୮ କୋଟି ଟଙ୍କା ଦେଉଛି । ସେହିପରି ଗତ ୧୧ଭସଵମକ୍ଷର ଆଇପିଏଲ ଫାଂଟାସୀ ଅଧିକାର ୫ ବର୍ଷ ପାଇଁ ୬୨୫ କୋଟି ଟଙ୍କାରେ ହାସଲ କରିଛି । ଏବେ କମ୍ପାନୀଗୁଡ଼ିକ କ'ଣ କରିବେ ବୋଲି ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଅନଲାଇନ ଜୁଆ ଉପରେ ରୋକ ଲଗାଇବାକୁ ସରକାର ଏହି ବିଲ ଆଣିଛନ୍ତି । ଏକ ଆକଳନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଏହି ଅନଲାଇନ ମନି ଗେମ୍ସର ଜାଲରେ ଫସି ୨୦ ହଜାର କୋଟିରୁ ଅଧିକ ଟଙ୍କା ହରାଉଛନ୍ତି । କେନ୍ଦ୍ର ସରକାର ଅନଲାଇନ ଗେମିଂ ଯୋଗୁ ଲୋକମାନଙ୍କୁ ହେଉଥିବା ଆର୍ଥିକ ଓ ସାମାଜିକ କ୍ଷତିକୁ ରୋକିବା ପାଇଁ ଏହି ବିଲ ଉପସ୍ଥାପନ କରିଛନ୍ତି । ସରକାରୀ ଆକଳନ ଅନୁସାରେ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ ମନି ଗେମ୍ସର ଜାଲରେ ଫସି କ୍ଷତି ସହୁଛନ୍ତି । ଏହି ଗେମ୍ସର ନିଶା କେବଳ ଆର୍ଥିକ କ୍ଷତି ନୁହେଁ, ବରଂ ଏକ ସାମାଜିକ ସଙ୍କଟ ସୃଷ୍ଟି କରିଛି । ଏହାର ନିଶା ଯୋଗୁ ଶହ ଶହ ପରିବାର ଆର୍ଥିକ ଦୃଷ୍ଟିରୁ ଧ୍ୱଂସ ହୋଇଯାଇଛନ୍ତି । ଅନେକେ ଆତ୍ମହତ୍ୟା ଓ ହିଂସା ଭଳି ଗମ୍ଭୀର ପଦକ୍ଷେପ ମଧ୍ୟ ନେଇଛନ୍ତି ।

# ବର୍ଷାରେ ବେହାଲ୍ ମୁମ୍ବାଇ: ଟ୍ରେନ୍-ବିମାନ ଚଳାଚଳ ବାଧାପ୍ରାପ୍ତ

ମୁମ୍ବାଇ, ୨୦।୦୮ (ନ୍ୟୁ.ଏ) : ବର୍ଷାରେ ବେହାଲ୍ ହେଲାଣି ମୁମ୍ବାଇ । କିଛି ଦିନ ହେବ ଲଗାଣ ବର୍ଷା ଯୋଗୁଁ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । କାହା ଘରେ ପାଣି ପଶିଲାଣି ତ କାହା ଘରର କାନ୍ଥ ଭାଙ୍ଗିଲାଣି । ଯାତାୟତ କରିବାର ବିଭିନ୍ନ ମାଧ୍ୟମ ଲଗାଣ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଇଛି । ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଟ୍ରେନ ଯାତ୍ରା ବିଳମ୍ବ ହେଉଥିବାର ଖବର ମିଳିଛି । ଏମଧ୍ୟରେ ବୁଧବାର ଦିନ ମୁମ୍ବାଇ ଏବଂ ନିକଟସ୍ଥ ଅଂଚଳରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବାରୁ ମୁମ୍ବାଇରେ ରେଡ୍ ଆଲର୍ଟ ଜାରି କରାଯାଇଛି । ତେବେ ପାଣିପାଗ ବିଭାଗ ଏହା ମଧ୍ୟ କହିଛି ଯେ, ଗୁରୁବାରଠାରୁ ମହାନଗରରେ ବର୍ଷାର ତୀବ୍ରତା ହ୍ରାସ ପାଇବ । ମଙ୍ଗଳବାର ଦିନ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତା ଜଳମଗ୍ନ ହୋଇଯାଇଥିଲା, ଯାହା ଫଳରେ ବିଭିନ୍ନ ଅଂଚଳରେ ଟ୍ରାଫିକ୍ ଏବଂ ରେଳ ସେବା ବାଧାପ୍ରାପ୍ତ ହୋଇଥିଲା । ଆଜି ମଧ୍ୟ ସମାନ ସ୍ଥିତି ରହିଛି । ପ୍ରବଳ ବର୍ଷା ଯୋଗୁଁ ରେଳପଥ ବୁଡ଼ିଯିବା ଯୋଗୁଁ ସ୍ଥାନୀୟ ଟ୍ରେନ୍ ସେବା ବାଧାପ୍ରାପ୍ତ ହେବା ସହିତ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହେବା ଯୋଗୁଁ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମୁମ୍ବାଇରେ ଅଗଷ୍ଟ ୧୯ରେ ୧୦୦୦.୮ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ଅଗଷ୍ଟରେ ହାରାହାରି ୫୬୦.୮ ମିମି ବର୍ଷାକୁ ଅତିକ୍ରମ କରିଛି । ଏହି ମାସରେ ସହରର ବର୍ଷା, ଜୁନ୍ (୫୧୨.୭ ମିମି) ଏବଂ ଜୁଲାଇ (୭୯୭.୩ ମିମି) ରେ ରେକର୍ଡ ହୋଇଥିବା ମୋଟ ବର୍ଷାକୁ ଅତିକ୍ରମ କରିସାରିଛି । ଗତ ୨୪ଘଂଟା ମଧ୍ୟରେ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁଁ ୬ଜଣଙ୍କର ମୃତ୍ୟୁ ହୋଇଛି । ଏହା ସହ ନାନ୍ଦେଡ଼ ଜିଲ୍ଲାରେ ୫ଜଣ ନିଖୋଜ ଥିବା ସୂଚନା ମିଳିଛି । ୬ଜଣଙ୍କ ମୃତ୍ୟୁକୁ ମିଶାଇ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଗତ ୫ଦିନ ଭିତରେ ମୋଟ ୨୧ଜଣଙ୍କ ମୃତ୍ୟୁ ହୋଇସାରିଛି । ପ୍ରବଳ ବର୍ଷା ପାଇଁ ଦୃଶ୍ୟମାନ୍ୟତା କମ ହୋଇଯିବାରୁ ଏବେ ବିମାନ ଉଡ଼ାଣ ଓ ଅବତରଣ ବିଳମ୍ବ ହେଉଛି । ତେଣୁ ଘରୁ ବାହାରିବା ପୂର୍ବରୁ ବିମାନ ଉଡ଼ାଣର ଅପଡେଟ୍ ଦେଖି ବାହାରିବା ପାଇଁ ଇଣ୍ଡିଗୋ ଏକ୍ସରେ ପୋଷ୍ଟ କରି ଜଣାଇଛି ।

# ଜମ୍ମୁ-କାଶ୍ମୀରର କିସ୍ତୱାଡ଼ରେ ବାଦଲଫଟା ବର୍ଷା : ମୃତକଙ୍କ ସଂଖ୍ୟା ୬୬କୁ ବୃଦ୍ଧି



ଜମ୍ମୁ, ୨୦।୦୮ (ନ୍ୟୁ.ଏ) : ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାର ଦୁର୍ଗମ ଚିସୋଟି ଗାଁରେ ପ୍ରବଳ ବାଦଲଫଟା ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ଓ ଭୂସ୍ଖଳନ ପରେ ଭଗ୍ନାବଶେଷ ତଳେ ନିଖୋଜ ଥିବା ୭୫ ଜଣଙ୍କ ବଂଚିବା ଆଶା କ୍ଷୀଣ ହେବାରେ ଲାଗିଛି । ମଙ୍ଗଳବାର ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନ ଷଷ୍ଠ ଦିନରେ ପହଂଚିଥିବା ବେଳେ ଆଉ ୨ ଜଣଙ୍କ ମୃତଦେହ ଉଦ୍ଧାର ହେବା ପରେ ମୃତକଙ୍କ ସଂଖ୍ୟା ୬୬କୁ ବୃଦ୍ଧି ପାଇଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍), ଭାରତୀୟ ସେନା, ସୀମା ସଡ଼କ ସଂଗଠନ ସ୍ଥାନୀୟ ପୁଲିସ ଓ ଅନ୍ୟାନ୍ୟ ବେସାମରିକ ଏଜେନ୍ସିର କର୍ମଚାରୀଙ୍କୁ ନେଇ ଗଠିତ ଉଦ୍ଧାରକାରୀ ଦଳ ବିପର୍ଯ୍ୟୟ ପ୍ରଭାବିତ ଗ୍ରାମରେ ୨୪ ଘଂଟିଆ ଅଭିଯାନ ଜାରି ରଖିଛନ୍ତି । ସର୍ଚ୍ଚ ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ସେନା ଦୁଇଟି ସ୍ପେଶାଲିଷ୍ଟ ମୋବିଲିଟି ଭେଇକିଲ, ଅଲ-ଟେରେନ ଭେଇକିଲ (ଏଟିଭି) ମୁତୟନ କରିଛି । ଏହି ଅଂଚଳରେ ଜେସିବି, ଏଲ୍‌ଏନ୍‌ଟି ସମେତ ଭାରୀ ଯନ୍ତ୍ରପାତି ମୁତୟନ କରାଯାଇଛି । ଜମ୍ମୁସ୍ଥିତ ପ୍ରତିରକ୍ଷା ମୁଖପାତ୍ରଙ୍କ କହିବା ଅନୁଯାୟୀ ସେନାର ୫ଟି ରିଲିଫ୍ ଟିମ୍ ସକ୍ରିୟ ଭାବେ ଏହି ଅଭିଯାନରେ ନିୟୋଜିତ ଅଛନ୍ତି । ଅତିରିକ୍ତ ଡାକ୍ତରୀ ଦଳ ଓ ଉପକରଣ ମଗାଯାଇଛି । ସେନାର ବରିଷ୍ଠ ଅଧିକାରୀମାନେ ସ୍ଥଳଭାଗରେ ଉପସ୍ଥିତ ରହି ମଲ୍ଟି ଏଜେନ୍ସି ଅପରେସନର ତଦାରଖ ଓ ସମନ୍ୱୟ କରୁଛନ୍ତି । ଗୁରୁବାର ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ କ୍ଷତିଗ୍ରସ୍ତ ହୋଇଥିବା ଲଙ୍ଗର (କମ୍ୟୁନିଟି ରୋଷେଇ ଘର) ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଉଦ୍ଧାରକାରୀ ଦଳ ଆବର୍ଜନା ସଫା କରୁଛନ୍ତି । କ୍ଷତିଗ୍ରସ୍ତ ଘର ଓ ଦୋକାନ ସହ ବନ୍ୟା ପ୍ରଭାବିତ ସ୍ରୋତରେ ମଧ୍ୟ ଟିମ୍ ଖୋଜାଖୋଜି କରୁଛି । ସର୍ଚ୍ଚ ପ୍ରୟାସରେ ବାଧା ସୃଷ୍ଟି କରୁଥିବା ବଡ଼ ବଡ଼ ପଥର ହଟାଇବା ପାଇଁ ସେନା ନିୟନ୍ତ୍ରିତ ବିସ୍ଫୋରଣ କରିଛି । ସୋମବାର ଝରଣାରୁ ଦୁଇଟି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଏସ୍‌ଡିଆରଏଫ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେମାନଙ୍କୁ ଆନୁଷ୍ଠାନିକ ଚିହ୍ନଟ ପାଇଁ ଡାକ୍ତରଖାନା ନିଆଯାଇଥିଲା । ଏହି ଦୁଇଜଣଙ୍କୁ ମିଶାଇ ମୃତକଙ୍କ ସଂଖ୍ୟା ୬୬ରେ ପହଂଚିଛି । ମୃତକଙ୍କ ମଧ୍ୟରେ ତୀର୍ଥଯାତ୍ରୀ, ୭ ଜଣ ସ୍ଥାନୀୟ ବାସିନ୍ଦା, ୩ ଜଣ ସିଆଇଏସ୍‌ଏଫ୍ ଯବାନ ଓ ଜମ୍ମୁ-କାଶ୍ମୀର ପୁଲିସର ଜଣେ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ) ଅଛନ୍ତି । ବର୍ତ୍ତମାନ ସୁଦ୍ଧା ୬୦ ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବା ବେଳେ ୩ ଜଣଙ୍କ ପରିଚୟ ମିଳିପାରିନାହିଁ । ୭୫ ଜଣ ଏବେ ବି ନିଖୋଜ ଅଛନ୍ତି । ସମସ୍ତ ନିଖୋଜ ବ୍ୟକ୍ତିଙ୍କୁ ଠାବ ନ କରିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଏସ୍‌ଡିଆରଏଫ୍ ଅଧିକାରୀ କହିଛନ୍ତି ।


Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266996, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das